# NATIONAL NEWS BULLETIN (ODIA)
## 7 January-2025
## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ସି.ବି.ଆଇ. ଦ୍ୱାରା ବିକଶିତ ଭାରତପୋଲ୍ ପୋର୍ଟାଲ୍‌ର ଆଜି ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ୨୦୨୫-୨୬ କେନ୍ଦ୍ରୀୟ ବଜେଟ୍ ନିମନ୍ତେ ଏକ ମାସ ଧରି ଚାଲିଥିବା ପ୍ରାକ୍ ବଜେଟ୍ ଆଲୋଚନା ଶେଷ ।
- ତାମିଲନାଡୁରେ ଦୁଇ ଜଣ ଏଚ୍.ଏମ୍.ପି.ଭି. ସଂକ୍ରମିତ ଚିହ୍ନଟ, ସ୍ୱାସ୍ଥ୍ୟାବସ୍ଥା ସ୍ଥିର ।
- ଶାସକ ଲିବରାଲ୍ ପାର୍ଟି ନେତା ପଦରୁ ଇସ୍ତଫା ଦେଲେ କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ରେ ଆଜି ସନ୍ଧ୍ୟାରେ କଳିଙ୍ଗ ଲାନ୍‌ସର୍ସ୍ ଓ ଶ୍ରାଚି ରାର୍ ବେଙ୍ଗଲ ଟାଇଗରସ୍ ମଧ୍ୟରେ ହେବା ମୁକାବିଲା ।

# ହୋମ୍ ମିନିଷ୍ଟର-ଭାରତପୋଲ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ – ସି.ବି.ଆଇ. ଦ୍ୱାରା ବିକଶିତ ଭାରତପୋଲ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିବେ । ଭାରତପୋଲ୍ ପୋର୍ଟାଲ୍, ରେଡ୍ ନୋଟିସ୍ ଏବଂ ଅନ୍ୟାନ୍ୟ ରଙ୍ଗ କୋଡ୍ ସମ୍ବଳିତ ଇଣ୍ଟରପୋଲ୍ ନୋଟିସ୍ ଜାରି କରିବା ସମେତ ଇଣ୍ଟରପୋଲ୍ ମାଧ୍ୟମରେ ଆନ୍ତର୍ଜାତିକ ସହାୟତା ପାଇଁ ସମସ୍ତ ଅନୁରୋଧ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ସି.ବି.ଆଇ. ଦ୍ୱାରା ବିକଶିତ ଭାରତପୋଲ୍ ପୋର୍ଟାଲ୍‌ର ଶୁଭାରମ୍ଭ ହେବାକୁ ଯାଉଥିବାରୁ ଏହା ଏକ ଐତିହାସିକ ଦିନ ହେବାକୁ ଯାଉଛି । ସମସ୍ତଙ୍କ ପାଇଁ ସୁରକ୍ଷିତ ଭାରତ ଗଠନ ନିମନ୍ତେ ମୋଦୀ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ସହ ଏହା ଭାରତୀୟ ତଦନ୍ତକାରୀ ସଂସ୍ଥା ଗୁଡ଼ିକର ବିଶ୍ୱସ୍ତରୀୟ ଉପଲବ୍ଧିକୁ ଏକ ନୂତନ ଆଭିମୁଖ୍ୟ ପ୍ରଦାନ କରିବ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦେଶର ଆଇନ୍ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକୁ ଅଧିକ ଦୃଢ଼ କରିବା ପାଇଁ ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ।

ଭାରତପୋଲ ପୋର୍ଟାଲ୍ ଭାରତୀୟ ଆଇନ୍ କାର୍ଯ୍ୟକାରୀ ସଂସ୍ଥା ଗୁଡ଼ିକୁ ଆନ୍ତର୍ଜାତିକ ପୋଲିସ୍ ସହାୟତାକୁ ଦ୍ରୁତ ଗତିରେ ଉପଲବ୍ଧ କରାଇବା ପାଇଁ ରିଅଲ୍ ଟାଇମ୍ ସୂଚନା ଆଦାନପ୍ରଦାନକୁ ସକ୍ଷମ କରିବ । ସାଇବର ଅପରାଧ, ଆର୍ଥିକ ଅପରାଧ, ଅନ୍‌ଲାଇନ୍ ଉଗ୍ରବାଦ, ସଂଗଠିତ ଅପରାଧ, ନିଶାଦ୍ରବ୍ୟ ଚୋରା ଚାଲାଣ ଏବଂ ମାନବ ଚାଲାଣ ଭଳି ଆନ୍ତର୍ଜାତିକ ଅପରାଧ ବୃଦ୍ଧି ପାଉଥିବାରୁ ଅପରାଧିକ ତଦନ୍ତରେ ଦ୍ରୁତ ସହାୟତାର ଆବଶ୍ୟକତା ରହିଛି । ଏହିସବୁ ଆହ୍ୱାନର ମୁକାବିଲା ପାଇଁ ସି.ବି.ଆଇ. ଭାରତପୋଲ୍ ପୋର୍ଟାଲ୍ ବିକଶିତ କରିଛି । ଏଥିରେ ସମସ୍ତ ଅଂଶିଦାରମାନେ ଗୋଟିଏ ପ୍ଲାଟ୍‌ଫର୍ମରେ ସୂଚନା ଆଦାନପ୍ରଦାନ କରିବା ସହ ଆନ୍ତର୍ଜାତିକ ଅପରାଧର ମୁକାବିଲା ଦିଗରେ ଭାରତର ପ୍ରୟାସକୁ ସୁଦୃଢ଼ କରିବ ।

ଶ୍ରୀ ଶାହା ଏହି ଅବସରରେ ତଦନ୍ତ କ୍ଷେତ୍ରରେ ରାଷ୍ଟ୍ରପତି ପୋଲିସ୍ ପଦକ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ପଦକ ପାଇଥିବା ୩୫ ଜଣ ସି.ବି.ଆଇ. ଅଧିକାରୀଙ୍କୁ ପୋଲିସ୍ ପଦକ ପ୍ରଦାନ କରିବେ । କାର୍ଯ୍ୟକ୍ରମରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ଡି.ଓ.ପି.ଟି., କେନ୍ଦ୍ରୀୟ ଭିଜିଲାନ୍ସ କମିଶନ୍ ଏବଂ କେନ୍ଦ୍ରୀୟ ପୋଲିସ୍ ସଂଗଠନ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେବେ ବୋଲି ଜଣାପଡ଼ିଛି ।

# ଏଫ୍‌ଏମ୍‌-ପ୍ରି ବଜେଟ୍‌

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ବଜେଟ୍‌ ନିମନ୍ତେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକ୍‌ ବଜେଟ୍‌ ଆଲୋଚନା ଶେଷ ହୋଇଛି । ଗତବର୍ଷ ଡିସେମ୍ବର ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଆଲୋଚନା ଏକ ମାସ ଧରି ଚାଲିଥିଲା ।

ଆଲୋଚନା କାଳରେ ଅର୍ଥମନ୍ତ୍ରୀ ୯ଟି ଅଂଶିଦାରଙ୍କ ସମେତ ୧୦୦ରୁ ଅଧିକ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ସହ ବୈଠକ କରିଥିଲେ । ଆଲୋଚନାରେ କୃଷକ ସଂଗଠନ ଏବଂ କୃଷି ବିଶେଷଜ୍ଞ, ଟ୍ରେଡ୍‌ ୟୁନିୟନ୍‌, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର, ଏମ୍‌.ଏସ୍‌.ଏମ୍‌.ଇ., ବାଣିଜ୍ୟ ଓ ସେବା, ଶିଳ୍ପ, ଅର୍ଥନୀତି, ଆର୍ଥିକ କ୍ଷେତ୍ର ଏବଂ ପୁଞ୍ଜି ବଜାରର ବିଶେଷଜ୍ଞ ଓ ପ୍ରତିନିଧିମାନେ ସାମିଲ ହୋଇଥିଲେ ।

ପ୍ରାକ୍‌ ବଜେଟ୍‌ ଆଲୋଚନାରେ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିବାରୁ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ସମସ୍ତ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି, ୨୦୨୫-୨୬ କେନ୍ଦ୍ର ବଜେଟ୍‌ ପ୍ରସ୍ତୁତି ସମୟରେ ବିଶେଷଜ୍ଞ ଓ ପ୍ରତିନିଧିମାନଙ୍କ ପରାମର୍ଶକୁ ଅନୁଧ୍ୟାନ କରାଯାଇ ବିଚାର କରାଯିବ । ଚଳିତ ମାସ ୧୦ ତାରିଖରୁ ସାଧାରଣ ନାଗରିକମାନେ ମାଇଗଭ୍‌ ପ୍ଲାଟ୍‌ଫର୍ମରେ ବଜେଟ୍‌ ଲାଗି ପରାମର୍ଶ ଦେଇପାରିବେ । ଶ୍ରୀମତୀ ସୀତାରମଣ କହିଛନ୍ତି,

ଜନଭାଗିଦାରୀ ଭାବନା ସହିତ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାକୁ ଅଧିକ ପ୍ରଭାବଶାଳୀ କରିବା ଉଦ୍ଦେଶ୍ୟରେ ପଦକ୍ଷେପ ଗ୍ରହଣ କରାଯାଉଛି ।

## ଟିଏନ୍-ଏଚ୍ଏମ୍ପିଭି କେସେସ୍

ତାମିଲନାଡୁରେ ଦୁଇଟି ଏଚ୍.ଏମ୍.ପି.ଭି. ସଂକ୍ରମିତ ଚିହ୍ନଟ ହୋଇଥିବା ଜଣାପଡ଼ିଛି । ଚେନ୍ନାଇରେ ଜଣେ ଏବଂ ସାଲେମରେ ଆଉ ଜଣେ ଚିହ୍ନଟ ହୋଇଛନ୍ତି । ତାମିଲନାଡୁ ସରକାର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଏହା କୌଣସି ନୂଆ ଭୂତାଣୁ ନୁହେଁ ଓ ୨୦୦୧ ମସିହାରେ ପ୍ରଥମେ ଏହି ଭୂତାଣୁ ଚିହ୍ନଟ ହୋଇଥିଲା । ବିଜ୍ଞପ୍ତିରେ କୁହାଯାଇଛି, ଏହି ସଂକ୍ରମଣ ସୀମିତ ଏବଂ ନିୟନ୍ତ୍ରଣ ଯୋଗ୍ୟ ଓ ଏଥିରେ ଭୟଭିତ ହେବାର କୌଣସି ଆବଶ୍ୟକତା ନାହିଁ । ଚିହ୍ନଟ ହୋଇଥିବା ଦୁଇ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ଏବଂ ସେମାନଙ୍କ ଉପରେ ନଜର ରଖାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ସତର୍କ ସୂଚନାକୁ ଆଧାର କରି ତାମିଲନାଡୁ ସରକାର କହିଛନ୍ତି, ସାବଧାନତା ସ୍ୱରୂପ କାଶିବା ଓ ଛିଙ୍କିବା  ସମୟରେ ପାଟି ଓ ନାକ ଘୋଡ଼ାଇ ରଖିବା, ମାସ୍କ ପିନ୍ଧିବା ଓ ବାରମ୍ବାର ହାତ ଧୋଇବା ଆବଶ୍ୟକ । ଜରୁରୀ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନା ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି ।

## କାନାଡ଼ା ପିଏମ୍ ରିଜାଇନ୍

କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଶାସକ ଲିବରାଲ୍ ପାର୍ଟିର ନେତା ପଦରୁ ଇସ୍ତଫା ଦେଇଛନ୍ତି । ନୂଆ ନେତା ଚୟନ ନ ହେବା ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ରହିବେ ବୋଲି ଜଣାପଡ଼ିଛି । ୧୧ ବର୍ଷ ପାଇଁ ଲିବରାଲ୍ ପାର୍ଟିର ନେତା ତଥା ୯ ବର୍ଷ ପ୍ରଧାନମନ୍ତ୍ରୀ ଥିବା ଟ୍ରୁଡୋ ନିଜ ଦଳର ସଦସ୍ୟଙ୍କ ବିଦ୍ରୋହର ସମ୍ମୁଖୀନ ହେଉଥିଲେ ଏବଂ କେତେକ ନୀତି ଯୋଗୁଁ ସେ ଲୋକପ୍ରିୟତା ହରାଇଥିଲେ । ଗତ ସନ୍ଧ୍ୟାରେ ଓଟାଓ୍ୱାରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରି ସେ କହିଛନ୍ତି, ବହୁ ଚେଷ୍ଟା ସତ୍ତ୍ୱେ ମାସ ମାସ ଧରି ସଂସଦ ଅଚଳ ହୋଇ ପଡ଼ିଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି ।

## ଏରୋ ଇଣ୍ଡିଆ

ଏସିଆର ସର୍ବବୃହତ ଏରୋ ସୋ’ ଏରୋ ଇଣ୍ଡିଆ ୨୦୨୫ର ୧୫ତମ ସଂସ୍କରଣ ଆସନ୍ତା ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକର ବେଙ୍ଗାଲୁରୁର ୟେଲାହାଙ୍କାସ୍ଥିତ ବାୟୁସେନା ଷ୍ଟେସନରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି ‘ବିଲିୟନ ସୁଯୋଗର ରନେଓ୍ୱ’। ଏରୋ ଇଣ୍ଡିଆ ପ୍ରଦର୍ଶନୀ ସ୍ୱଦେଶୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ସହ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରଦର୍ଶନ କରିବା ପାଇଁ ବିଦେଶୀ ଓ ଭାରତୀୟ

କମ୍ପାନୀମାନଙ୍କ ମଧ୍ୟରେ ଭାଗିଦାରୀ ସ୍ଥାପନ ଲାଗି ଏକ ଅନନ୍ୟ ମଞ୍ଚ ପ୍ରଦାନ କରିବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, କାର୍ଯ୍ୟକ୍ରମର ପ୍ରଥମ ତିନି ଦିନ ବ୍ୟବସାୟିକ ଦିବସ ହେବାକୁ ଥିବା ବେଳେ ୧୩ ଓ ୧୪ ତାରିଖକୁ ସର୍ବସାଧାରଣ ଦିବସ ଭାବେ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତର ପ୍ରମୁଖ ଘରୋଇ ପ୍ରତିରକ୍ଷା ଓ ଏରୋସ୍ପେସ୍ ଉତ୍ପାଦନକାରୀ କମ୍ପାନୀର ସିଇଓ, ଘରୋଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଅଂଶଗ୍ରହଣ କରିବେ।

୧୯୯୬ ମସିହାରୁ ଏରୋ ଇଣ୍ଡିଆ ବେଙ୍ଗାଲୁରୁରେ ୧୪ଟି ସଫଳ ଏରୋ ସୋ' ସଂସ୍କରଣ ଆୟୋଜନ କରି ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଗତ ସଂସ୍କରଣରେ ୭ ଲକ୍ଷରୁ ଅଧିକ ପର୍ଯ୍ୟଟକ, ୯୮ଟି ଦେଶର ବିଶିଷ୍ଟ ବ୍ୟକ୍ତି ଏବଂ ବ୍ୟବସାୟ, ନିବେଶକ, ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇ ସମେତ ୮୦୯ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ।

## ନେପାଳ-ଏସ୍ଏନ୍ପି ହେଲିକପ୍ଟର

ନେପାଳର ସାଗରମଥା ନ୍ୟାସନାଲ୍ ପାର୍କ ଏଭରେଷ୍ଟ ଅଞ୍ଚଳରେ ହେଲିକପ୍ଟର ଉଡ଼ାଣ କଟକଣାକୁ କୋହଳ କରାଯାଇଛି । ସେଠାକାର

ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ବିମାନ ପରିଚାଳନା ସଂଘ ମଧ୍ୟରେ ବିବାଦ ଦେଖାଦେବାରୁ ସମସ୍ତ ବାଣିଜ୍ୟିକ ହେଲିକପ୍ଟର ସେବାକୁ ସ୍ଥଗିତ ରଖାଯାଇଥିଲା । ଏଭରେଷ୍ଟ ଟ୍ରେକ୍‌ରେ ଲୁକ୍‌ଲା, ଫେରିଚେ, କଳାପଥର ଏବଂ ଏଭରେଷ୍ଟ ମୂଳ କ୍ୟାମ୍ପକୁ ଯିବା ପାଇଁ ହେଲିକପ୍ଟର ସେବା ବ୍ୟବହାର କରାଯାଇଥାଏ ।

ପୂର୍ବରୁ ଖୁମ୍ବୁ ଅଞ୍ଚଳରେ ସ୍ଥାନୀୟ ଯୁବଗୋଷ୍ଠୀ ହେଲିପ୍ୟାଡ୍ ଉପରେ ପତାକା ଲଗାଇବା ସହ ହେଲିକପ୍ଟର କର୍ମଚାରୀଙ୍କୁ ଚେତାବନୀ ଦେବା ପରେ ଉଭୟପକ୍ଷ ମଧ୍ୟରେ ବିବାଦ ବୃଦ୍ଧି ପାଇଥିଲା । ପରିବେଶ ଜନିତ ସମସ୍ୟା, ଶବ୍ଦ ପ୍ରଦୂଷଣ ଏବଂ ବ୍ୟବସାୟିକ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ଜରୁରୀ ଥିବା ଦର୍ଶାଇ ଚଳିତ ମାସ ଆରମ୍ଭରୁ ସେଠାରେ ବାଣିଜ୍ୟିକ ହେଲିକପ୍ଟର ଉଡ଼ାଣ ବନ୍ଦ କରିବା ଲାଗି ନେପାଳ-ସାଗରମଥା ନ୍ୟାସନାଲ୍ ପାର୍କ ନିର୍ଦ୍ଦେଶ ଦେଇଥିଲା ।

# ହକି

ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ଦିଲ୍ଲୀ ଏସ୍.ଜି. ପାଇପର୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ପ୍ରଥମେ ୨-୨ ଗୋଲ୍‌ରେ ଉଭୟ ଦଳ ସମାନ ସ୍ଥିତିରେ ରହିବା ପରେ ପେନାଲ୍ଟି ସୁଟ୍‌ଆଉଟ୍ ଜରିଆରେ ସୁରମା ହକି କ୍ଲବ୍ ବିଜୟ

ଲାଭ କରିଥିଲା । ଆଜି ଭାରତୀୟ ସମୟ ରାତି ୮ଟା ୧୫ ମିନିଟ୍‌ରେ କଳିଙ୍ଗ ଲାନ୍‌ସର୍ସ୍ ଓ ଶ୍ରାଚି ରାର୍ ବେଙ୍ଗଲ୍ ଟାଇଗରସ୍ ମଧ୍ୟରେ ମୁକାବିଲା ହେବ ।

## ଟେବୁଲ୍ ଟେନିସ୍-ଦୋହା

ଟେବୁଲ୍ ଟେନିସ୍‌ରେ କତାର୍‌ର ଦୋହା ଠାରେ ଡବ୍ଲ୍ୟୁ.ଟି.ଟି. ଷ୍ଟାର୍ କଣ୍ଟେଣ୍ଡର୍ ୨୦୨୫ ଗତକାଲି ଠାରୁ ଆରମ୍ଭ ହୋଇଛି । ଲୁସାଇଲ ସ୍ପୋର୍ଟସ୍ ଆରେନାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରଥମ କ୍ୱାର୍ଟର ଫାଇନାଲ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତର ଅନିର୍ବାଣ ଘୋଷ ୩-୨ରେ ଇରାନ୍‌ର ନାଭିଦ୍ ଶାମ୍ସଙ୍କୁ ପରାସ୍ତ କରିଥିବା ବେଳେ ସ୍ନେହିତ ସୌରଭଜୁଆଲା ୩-୧ରେ ପାୟସ୍ ଜୈନ ଖଏବଂ ମାନୁଶ ଶାହା ୩-୧ରେ ଫ୍ରାନ୍ସର ଫ୍ଲୋରିଆନ୍ ବୋରାସୁଦଙ୍କୁ ପରାସ୍ତ କରିଛନ୍ତି । ମହିଳା ସିଙ୍ଗଲ୍ସରେ ଭାରତର  ପୋୟମନ୍ତୀ ବୈଶ୍ୟ ୧-୩ରେ ଚୀନ୍ ତାଇପେଇର ହୁଆଙ୍ଗ୍ ୟୁ-ଜିଙ୍କ ଠାରୁ ପରାସ୍ତ ହୋଇଛନ୍ତି ।

ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭାରତ ୧୨ ଜଣିଆ ଦଳ ଦୋହା ଗସ୍ତ କରିଛନ୍ତି ।

# ବ୍ୟାଡ୍‌ମିଣ୍ଟନ୍

କ୍ୱାଲାଲାମ୍‌ପୁରରେ ମାଲେସିଆ ଓପନ୍ ପ୍ରତିଯୋଗିତାରେ ଆଜି ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳିମାନେ ଭାଗ ନେବେ । ପୁରୁଷ ଡବଲ୍ସରେ ସାତ୍ୱୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ଚୀନ୍ ତାଇପେଇର ମିଙ୍ଗ୍ ଚେ ଲୁ ଓ ଟାଙ୍ଗ କାଇ ୱେଇଙ୍କ ବିପକ୍ଷରେ ଖେଳିବେ ।

ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍, ପ୍ରିୟାଂଶୁ ରାଜୱତ୍ ଓ ପ୍ରଣୟ ଏଚ୍.ଏସ୍. ଭାରତୀୟ ଦଳର ନେତୃତ୍ୱ ନେଉଥିବା ବେଳେ ମହିଳା ସିଙ୍ଗଲ୍ସରେ ମାଳବିକା ବଂଶୋଦ, ଆକର୍ଷି କଶ୍ୟପ ଏବଂ ଅନୁପମା ଉପାଧ୍ୟାୟ ଦଳର ନେତୃତ୍ୱ ନେଉଛନ୍ତି । ମିକ୍ସଡ୍ ଡବଲ୍ସରେ ତନିଶା କ୍ରାଷ୍ଟୋ ଓ ଧ୍ରୁବ କପିଲା, ସତୀଶ କରୁଣାକରନ ଓ ଆଦ୍ୟା ବରିଆଥ ଏବଂ ଅଶିତ ସୂର୍ଯ୍ୟା ଓ ଅମୃଥା ପ୍ରମୁଥେଷ ଭାରତର ପ୍ରତିନିଧିତ୍ୱ କରିବେ ।